# NATIONAL NEWS BULLETIN (ODIA)

**23 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଭୋଟ୍‌ଗଣତି ଜାରି ।

- ମହାରାଷ୍ଟ୍ରରେ ମହାଯୁତି ମେଣ୍ଟ ଏବଂ ଝାଡ଼ଖଣ୍ଡରେ ଇଣ୍ଡିମେଣ୍ଟ ବହୁମତ ଆଡକୁ ଅଗ୍ରସର ।

- 'ଭାରତକୁ ଜାଣନ୍ତୁ' କୁଇଜ୍ ପ୍ରତିଯୋଗିତାରେ ଭାଗନେବାକୁ ପ୍ରବାସୀ ଭାରତୀୟଙ୍କ ସହ ଅନ୍ୟ ଦେଶର ନାଗରିକଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।

- ଶ୍ରୀଲଙ୍କାରେ ପ୍ରାଦେଶିକ ସରକାର ନିର୍ବାଚନ ଆସନ୍ତାବର୍ଷ ପ୍ରାରମ୍ଭରେ ଅନୁଷ୍ଠିତ ହେବ - ବୈଦେଶିକ ବ୍ୟାପାର ଓ ପର୍ଯ୍ୟଟନ ମନ୍ତ୍ରୀଙ୍କ ସୂଚନା ।

ଏବଂ

- ପର୍ଥ ଟେଷ୍ଟରେ ଭାରତର ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଜାରି ।

---

# ବାଇପୋଲ-ଗଣତି

ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ର ବିଧାନସଭା ସମେତ ୨ଟି ସଂସଦୀୟ କ୍ଷେତ୍ର ଏବଂ ୪୮ଟି ବିଧାନସଭା ମଣ୍ଡଳୀ ପାଇଁ ହୋଇଥିବା ଉପ ନିର୍ବାଚନରେ ଭୋଟ୍‌ଗଣତି ଜାରି ରହିଛି । ଅପରାହ୍ଣ ସାଢ଼େ ଗୋଟାଏ ସୁଦ୍ଧା ହସ୍ତଗତ ହୋଇଥିବା ସୂଚନା ଅନୁଯାୟୀ ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟ ମହାରାଷ୍ଟ୍ରରେ ବହୁମତ ଆଡକୁ ଅଗ୍ରସର ହୋଇସାରିଛି । ୨୮୮ଟି ଆସନ ମଧ୍ୟରୁ ବିଜେପି ୧୨୬ଟିରେ ଆଗୁଆ ଥିବାବେଳେ ଏନ୍‌ଡିଏ ମେଣ୍ଟର ଅନ୍ୟତମ ସହଯୋଗୀ ଦଳ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ୫୬ଟି ଏବଂ ଅଜିତ ପାୱାର ନେତୃତ୍ୱାଧୀନ ଏନ୍‌ସିପି ୩୯ଟି ସିଟ୍‌ରେ ଆଗୁଆ ରହିଛି । ଘୋଷିତ ହୋଇଥିବା ୪ଟି ଆସନ ମଧ୍ୟରୁ ବିଜେପି ୨ଟିରେ ଏବଂ ଶିବସେନା ଓ ଏନ୍‌ସିପି ଗୋଟିଏ ଲେଖାଏଁ ଆସନରେ ବିଜୟୀ ହୋଇଛନ୍ତି । ସେହିଭଳି କଂଗ୍ରେସ ୧୯ଟି ଆସନରେ, ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ୧୨ଟିରେ ଏବଂ ଶିବସେନା ୟୁବିଟି ୧୮ଟି ଆସନରେ ଓ ଅନ୍ୟାନ୍ୟ ୧୭ଟି ଆସନରେ ଆଗୁଆ ଅଛନ୍ତି । ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିଶ ଏବଂ ଅଜିତ ପାୱାର ତାଙ୍କର ନିକଟମ ପତିଦ୍ୱନ୍ଦ୍ୱିଙ୍କ ଠାରୁ ବହୁ ଆଗରେ ଅଛନ୍ତି ।

ଝାଡ଼ଖଣ୍ଡରେ ଇଣ୍ଡିମେଣ୍ଟ ବହୁମତ ଆଡକୁ ଅଗ୍ରସର ହେଉଛି । ୮୧ଟି ଆସନ ମଧ୍ୟରୁ ଶାସକ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ୩୧ଟି ଆସନରେ ଆଗୁଆ ଥିବାବେଳେ କଂଗ୍ରେସ ୧୪ଟିରେ ଆଗେଇଛି । ଆର୍‌ଜେଡି ୪ଟି,

ବିଜେପି ୨୬ଟି ଆସନରେ ଏବଂ ଏନ୍‌ଡିଏ ମେଣ୍ଟର ଏ.ଜେ.ଏସ୍.ୟୁ ଗୋଟିଏ ଆସନରେ ଆଗୁଆ ଥିବା ଜଣାପଡିଛି । ଅନ୍ୟାନ୍ୟ ୫ଟି ଆସନରେ ଆଗୁଆ ଅଛନ୍ତି ।

ଉପନିର୍ବାଚନ ମଧ୍ୟରେ ୱାଏନାଡ ସଂସଦୀୟ କ୍ଷେତ୍ରରେ କଂଗ୍ରେସ ତା'ର ନିକଟତମ ପ୍ରତିଦ୍ୱନ୍ଦ୍ୱି ସିପିଆଇଠାରୁ ବହୁ ଆଗରେ ଥିବା ଜଣାପଡିଛି । କଂଗ୍ରେସ ପକ୍ଷରୁ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏହି ଆସନରୁ ନିର୍ବାଚନ ଲଢୁଥିଲେ । ମହାରାଷ୍ଟ୍ରର ନାନ୍ଦେଡ ଲୋକସଭା ଆସନରେ ବିଜେପି ପ୍ରାର୍ଥୀ' କଂଗ୍ରେସ ଠାରୁ ଆଗୁଆ ରହିଛନ୍ତି ।

ଉତ୍ତରପ୍ରଦେଶର ୯ଟି ବିଧାନସଭା ଉପନିର୍ବାଚନ ମଧ୍ୟରେ ବିଜେପି ୫ଟି ଆସନରେ ଆଗୁଆ ଥିବାବେଳେ ସମାଜବାଦୀ ପାର୍ଟି ୩ଟି ଏବଂ ଏନ୍‌ଡିଏ ମେଣ୍ଟର ସହଯୋଗୀ ଦଳ ଆର୍.ଏଲ୍.ଡି ଗୋଟିଏ ଆସନରେ ଆଗୁଆ ଥିବା ଜଣାପଡିଛି ।

ଉତ୍ତରାଖଣ୍ଡର ଏକମାତ୍ର ଆସନରେ ବିଜେପି ଆଗୁଆ ରହିଛି । ବିହାରର ୪ଟି ଆସନ ମଧ୍ୟରୁ ବିଜେପି ୨ଟିରେ ଆଗୁଆ ଥିବାବେଳେ ଜେଡିୟୁ ଏବଂ ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା ଗୋଟିଏ ଲେଖାଏଁ ଆସନରେ ଆଗୁଆ ରହିଛନ୍ତି । ମଧ୍ୟପ୍ରଦେଶରେ ୨ଟିଯାକ ଆସନରେ ବିଜେପି ଆଗୁଆ ରହିଛି । ଛତିଶଗଡର ଏକମାତ୍ର ଆସନରେ ବିଜେପି ଆଗୁଆଥିବାବେଳେ ଗୁଜୁରାଟରେ କଂଗ୍ରେସ ଆଗୁଆ ଥିବା ଜଣାପଡିଛି । ଆସାମର ୫ଟି ବିଧାନସଭା ଆସନ ପାଇଁ ହୋଇଥିବା ଉପ ନିର୍ବାଚନରେ ଭୋଟ୍‌ଗଣତି

ଚାଲିଛି । ବିଜେପି ୨ଟିରେ ଆଗୁଆ ଥିବାବେଳେ କଂଗ୍ରେସ, ଏଜିପି ଏବଂ ୟୁପିପି ଲିବେରାଲ ଗୋଟିଏ ଲେଖାଏଁ ଆସନରେ ଆଗୁଆ ଥିବା ଜଣାପଡିଛି । ମେଘାଳୟରେ ଶାସକ ଏନ୍‌ପିପି ଦଳ ଆଗୁଆ ରହିଥିବାବେଳେ ପଶ୍ଚିମବଙ୍ଗର ୬ଟିଯାକ ଆସନରେ ତୃଣମୂଳକ କଂଗ୍ରେସ ଆଗୁଆ ରହିଛି । ପଞ୍ଜାବରେ ଶାସକ ଆପ୍ ଦଳ ୩ଟି ଆସନରେ ଏବଂ କଂଗ୍ରେସ ଗୋଟିଏ ଆଗୁଆ ରହିଛି । ରାଜସ୍ଥାନରେ ଶାସକ ବିଜେପି ୩ଟି ଆସନରେ ଆଗୁଆ ଥିବାବେଳେ କଂଗ୍ରେସ ଏବଂ ଭାରତ ଆଦିବାସୀ ପାର୍ଟି ୨ଟି ଲେଖାଏଁ ଆସନରେ ଆଗୁଆ ରହିଛନ୍ତି । କର୍ଣ୍ଣାଟକରେ କଂଗ୍ରେସ ୩ଟି ଆସନରେ ଆଗୁଆ ରହିଛି । କେରଳରେ କଂଗ୍ରେସ ଏବଂ ସିପିଆଇଏମ୍ ଗୋଟିଏ ଲେଖାଏଁ ଆସନରେ ଆଗେଇ ଥିବାବେଳେ ସିକ୍କିମରେ ଶାସକ ଏସ୍.କେ.ଏମ୍ ଦଳର ପ୍ରାର୍ଥୀ ୨ଟିଯାକ ଆସନରେ ଆଗୁଆ ଥିବା ସୂଚନା ମିଳିଛି ।

## ପିଏମ୍-କୁଇଜ୍

'ଭାରତକୁ ଜାଣନ୍ତୁ' କୁଇଜ୍ ପ୍ରତିଯୋଗିତାରେ ଭାଗନେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରବାସୀ ଭାରତୀୟ ଏବଂ ଅନ୍ୟ ଦେଶର ନାଗରିକଙ୍କୁ ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଏହି କୁଇଜ୍ ପ୍ରତିଯୋଗିତା ବିଶ୍ୱବ୍ୟାପୀ ଭାରତୀୟଙ୍କ ମଧ୍ୟରେ

ସମ୍ପର୍କକୁ ଅଧିକ ସୁଦୃଢ଼ କରିବ । ଦେଶର ସମୃଦ୍ଧ ଐତିହ୍ୟ ଏବଂ ସଂସ୍କୃତିକୁ ପୁନଃ ଆବିଷ୍କାର କରିବାର ଏହା ଏକ ଉତ୍କୃଷ୍ଟ ମାଧ୍ୟମ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ପ୍ରତିଯୋଗିତାର ବିଜେତା ଭାରତର ବୈଭବ ନେଇ ଶ୍ରେଷ୍ଠ ଅନୁଭୂତି ହାସଲ କରିବାର ସୁଯୋଗ ପାଇବେ ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି ।

## ଶ୍ରୀଲଙ୍କା ଇଲେକ୍ସନ

ଶ୍ରୀଲଙ୍କାରେ ପ୍ରାଦେଶିକ ସରକାର ନିର୍ବାଚନ ଆସନ୍ତାବର୍ଷ ପ୍ରାରମ୍ଭରେ ଅନୁଷ୍ଠିତ ହେବ ବୋଲି ବୈଦେଶିକ ବ୍ୟାପାର ଓ ପର୍ଯ୍ୟଟନ ମନ୍ତ୍ରୀ ବିଜିତା ହେରାଥ କହିଛନ୍ତି । କାଣ୍ଡିଠାରେ ଆଜି ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ହେରାଥ କହିଛନ୍ତି ଗତ ସେପ୍ଟେମ୍ବର ମାସରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଆଧାରରେ ଖୁବ୍‌ଶୀଘ୍ର ନିର୍ବାଚନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ । ତେବେ ଏଥିପାଇଁ ନୂତନ ନାମାଙ୍କନ ପତ୍ର ଗ୍ରହଣ କିମ୍ବା ଅନ୍ୟ ରାଜନୈତିକ ଦଳ ସହ ଆଲୋଚନା କରାଯିବ ନାହିଁ ବୋଲି ମନ୍ତ୍ରୀ ହେରାଥ ସ୍ପଷ୍ଟ କରିଛନ୍ତି । ନିର୍ବାଚନ ତାରିଖ ନେଇ ଚୂଡାନ୍ତ ନିଷ୍ପତ୍ତି ଏପର୍ଯ୍ୟନ୍ତ ସ୍ଥିର କରାଯାଇ ନାହିଁ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ଗତବର୍ଷ ମାର୍ଚ୍ଚ ୯ ତାରିଖରେ ଶ୍ରୀଲଙ୍କାରେ ପ୍ରାଦେଶିକ ସରକାର ନିର୍ବାଚନ ଅନୁଷ୍ଠିତ ହେବାର ଥିଲା କିନ୍ତୁ ପରେ ଏହାକୁ ଏପ୍ରିଲ ୨୫ ତାରିଖ ପର୍ଯ୍ୟନ୍ତ

ଘୁଞ୍ଚାଇ ଦିଆଯାଇଥିଲା । ତେବେ ପାଣି ଅଭାବ ଦୃଷ୍ଟିରୁ ନିର୍ବାଚନ ସମ୍ଭବ ହୋଇପାରି ନଥିଲା ବୋଲି ସରକାରଙ୍କ ପକ୍ଷରୁ ସ୍ପଷ୍ଟୀକରଣରେ କୁହାଯାଇଥିଲା ।

## ଜାପାନ ଇକୋନୋମିକ ପ୍ୟାକେଜ

ଜାପାନ ସରକାର ପ୍ରାୟ ୨୫୦ ବିଲିୟନ ଡଲାର ମୂଲ୍ୟର ଏକ ବ୍ୟାପକ ଆର୍ଥିକ ପ୍ୟାକେଜକୁ ଅନୁମୋଦନ କରିଛନ୍ତି । କ୍ୟାବିନେଟର ଏକ ସ୍ୱତନ୍ତ୍ର ବୈଠକରେ ଗତକାଲି ଏହି ପ୍ୟାକେଜକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ସବ୍‌ସିଡି ପ୍ରଦାନ ଏବଂ ନିମ୍ନ ଆୟକାରୀ ପରିବାରକୁ ସହାୟତା ପ୍ରଦାନ ଲକ୍ଷ୍ୟରେ ଏହି ପ୍ୟାକେଜ ଅନୁମୋଦିତ ହୋଇଛି । ପ୍ରଧାନମନ୍ତ୍ରୀ ସିଗେରୁ ଇସିବା କହିଛନ୍ତି ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟରେ ମଜୁରୀ ବୃଦ୍ଧି ଜରୁରୀ ହୋଇଛି । ଆସନ୍ତା ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ୧୩ ଦଶମିକ ୯ ଟ୍ରିଲିୟନ ୟେନ୍ ଅତିରିକ୍ତ ବଜେଟ୍‌କୁ ଗୁରୁବାର ଦିନ ଅନୁଷ୍ଠିତ ହେବାକୁ ଥିବା ସଂସଦର ସ୍ୱତନ୍ତ୍ର ଅଧିବେଶନରେ ପାରିତ କରିବାକୁ ଇସିବା ସରକାର ଲକ୍ଷ୍ୟ ରଖିଛନ୍ତି । ପ୍ରୋତ୍ସାହନ ପ୍ୟାକେଜରେ ଟିକସମୁକ୍ତ ଆୟସୀମା ବୃଦ୍ଧି କରିବାକୁ ଇସିବା ସରକାର ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।

# ରଷିଆ-ୟୁକ୍ରେନ

ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପରମାଣୁ ଯୁଦ୍ଧାସ୍ତ୍ର ବହନ କରିପାରୁଥିବା ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ପରୀକ୍ଷା ନେଇ ଘୋଷଣା କରିଛନ୍ତି । ଆନ୍ତର୍ଜାତିକ ଚାପ ସତ୍ତ୍ୱେ ଶ୍ରୀ ପୁଟିନ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ରୁଷ୍ ପାଖରେ ସୀମିତ ସଂଖ୍ୟକ କ୍ଷେପଣାସ୍ତ୍ର ରହିଥିବା ସଂକ୍ରାନ୍ତ ଆମେରିକାର ଦାବିକୁ ପ୍ରତିରକ୍ଷା ସମ୍ମିଳନୀରେ ଗତକାଲି ଶ୍ରୀ ପୁଟିନ ଖଣ୍ଡନ କରିଛନ୍ତି ।  ସେ କହିଛନ୍ତି ସେନାପାଖରେ ପର୍ଯ୍ୟାପ୍ତ କ୍ଷେପଣାସ୍ତ୍ର ରହିଛି । ନିକଟରେ ୟୁକ୍ରେନର ଡିନିପ୍ରୋସ୍ଥିତ ଏକ ରକେଟ୍ ପ୍ରସ୍ତୁତ କାରଖାନା ଉପରେ ଆକ୍ରମଣ ଲକ୍ଷ୍ୟରେ ରୁଷ୍ ପକ୍ଷରୁ ଆର୍.ଏସ୍-୨୬ ରୁବେଜ ଇଣ୍ଟର କଣ୍ଟିନେଟର ବାଲିଷ୍ଟିକ କ୍ଷେପଣାସ୍ତ୍ରର ସଂଶୋଧିତ ସଂସ୍କରଣ ବ୍ୟବହାର କରାଯାଇଥିଲା । ୟୁକ୍ରେନ୍ର ଅଧିକାରୀମାନେ ଏହି ଆକ୍ରମଣକୁ ଏକ ଆନ୍ତର୍ଜାତିକ ଅପରାଧ ବୋଲି ବର୍ଣ୍ଣନା କରିବା ସହ ନିନ୍ଦା କରିଛନ୍ତି । ଆମେରିକୀୟ ଅଧିକାରୀମାନେ ମଧ୍ୟ ପରମାଣୁ କ୍ଷମତା ସମ୍ପନ୍ନ ଅସ୍ତ୍ର ବ୍ୟବହାରକୁ ସମାଲୋଚନା କରିଥିବା ଜଣାପଡିଛି । ରୁଷ୍ର କ୍ଷେପଣାସ୍ତ୍ର କମାଣ୍ଡର ସର୍ଗେଇ କାରାକାୟେଭ କହିଛନ୍ତି ଏଭଳି ବ୍ୟବସ୍ଥା ଦ୍ୱାରା ସମଗ୍ର ୟୁରୋପରେ ଥିବା ସ୍ଥାନଗୁଡ଼ିକୁ ଲକ୍ଷ୍ୟଭେଦ କରିପାରିବ ।

ଡିନିପ୍ରୋ ସହରରେ ରୁଷ୍ ଆକ୍ରମଣକୁ ୟୁକ୍ରେନ ରାଷ୍ଟ୍ରପତି ଜେଲେନେସ୍କି ଦୃଢ଼ ନିନ୍ଦା କରିବା ସହ ଏହାର ଜବାବ ଦେବାକୁ ଆନ୍ତର୍ଜାତିକ ସମୁଦାୟଙ୍କୁ ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ଜେଲେନେସ୍କି ବିଶ୍ୱ

ନେତାଙ୍କୁ ଏଥିପାଇଁ ରୁଷ୍ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି । ସମ୍ଭାବ୍ୟ ବିପଦକୁ ମୁକାବିଲା କରିବା ଲାଗି ଉନ୍ନତ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା ଲକ୍ଷ୍ୟରେ ପାଶ୍ଚାତ୍ୟ ସହଯୋଗୀଙ୍କ ସହ ମିଳିତ ଭାବେ କାମ କରିବାକୁ ଶ୍ରୀ ଜେଲେନେସ୍କି ୟୁକ୍ରେନ ପ୍ରତିରକ୍ଷାମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରୁଷ୍ ପଟୁ ସମ୍ଭାବ୍ୟ ଆକ୍ରମଣର ମୁକାବିଲା ଲକ୍ଷ୍ୟରେ ଆସନ୍ତା ମଙ୍ଗଳବାରଦିନ ନାଟୋ ଓ ୟୁକ୍ରେନ ମଧ୍ୟରେ ଜରୁରୀକାଳୀନ ଆଲୋଚନା ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍ କି ବାତ୍‌ର ୧୧୬ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱାର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Strim ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର

ପ୍ରସାରଣ କରିବ ।  ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## କ୍ରିକେଟ୍

ପର୍ଥ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନରେ ଭାରତ ତା'ର ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଜାରି ରଖିଛି । ଅଷ୍ଟ୍ରେଲିଆ ତାର ପ୍ରଥମ ଇନିଂସରେ ୭ ୱିକେଟ୍‌ରେ ୬୭ ରନ୍‌ରୁ ଆଜି ବ୍ୟାଟିଂ ଆରମ୍ଭ କରିଥିଲା । ତେବେ ସମସ୍ତ ୱିକେଟ୍ ହରାଇ ୧୦୪ ରନ୍ ସଂଗ୍ରହ କରିପାରିଛି । ଯଶପ୍ରୀତ ବୁମ୍‌ରା ୫ଟି, ହର୍ଷିତ୍ ରାଣା ୩ଟି ଏବଂ ମହମ୍ମଦ ସିରାଜ ୨ଟି ୱିକେଟ୍ ଅକ୍ତିଆର କରିଛନ୍ତି । ଭାରତ ତା'ର ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଆରମ୍ଭ କରି କୌଣସି ୱିକେଟ୍ ନହରାଇ ୯୯ ରନ୍ ସଂଗ୍ରହ କରିଥିଲା । ଯଶଭୀ ଜୟସ୍ୱାଲ ଏବଂ ଲୋକେଶ ରାହୁଲ କ୍ରିଜ୍‌ରେ ଅପରାଜିତ ଅଛନ୍ତି ।

ଭାରତ-ଅଷ୍ଟ୍ରେଲିଆ ବର୍ଡର ଗାଭାସ୍କର ଟେଷ୍ଟ ସିରିଜ୍‌ର ଏହି ପ୍ରଥମ ମ୍ୟାଚ୍ ଗତକାଲିଠାରୁ ପର୍ଥର ଅପ୍‌ଟସ୍ ଷ୍ଟାଡିୟମ୍ ଠାରେ ଆରମ୍ଭ ହୋଇଛି । ସୂଚନାଯୋଗ୍ୟ ଭାରତ ତା'ର ୧୫୦ରନ୍ ସଂଗ୍ରହ କରିଥିଲା ।